# -: ବିଜ୍ଞପ୍ତି:-

ଏତଦ୍ଦ୍ୱାରା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ, ପର୍ଯ୍ୟଟନ ସମ୍ବନ୍ଧରେ ନିମ୍ନଲିଖିତ ବିଷୟମାନ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ।

## ଦିବା ପର୍ଯ୍ୟଟନ:

1. ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଆସନ୍ତା ୨୦୨୫ ମସିହା ଅକ୍ଟୋବର ୧୮ ତାରିଖଠାରୁ ପର୍ଯଟନ ନିମନ୍ତେ ଖୋଲାରହିବ ।

2. ଦୈନିକ ସର୍ବାଧିକ ୬୦ ଗୋଟି ଚାରିଚକିଆ ଯାନ ସହିତ ବୈଧ ଦସ୍ତାବିଜ ଏବଂ 180 mm କିମ୍ବା ଅଧିକ Ground Clearance ଥିବା ଚାରିଚକିଆ ଯାନ ଯଶିପୁର (୩୫ ଗୋଟି ଗାଡି) ଓ ପିଠାବଟା ତନଖି ଫାଟକ, ବାରିପଦା (୨୫ ଗୋଟି ଗାଡି) ମଧ୍ୟଦେଇ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଭିତରକୁ ପ୍ରବେଶପାଇଁ ଅନୁମତି ଦିଆଯିବ ।ଏହି ଫାଟକରେ ଭାରି ଯାନ ପ୍ରବେଶ ନିଷେଧ । ପର୍ଯ୍ୟଟକ ମାନେ ସକାଳ ୮:୦୦ ଘଟିକା ଠାରୁ ସକାଳ ୯:୦୦ ଘଟିକା ପର୍ଯ୍ୟନ୍ତ ପିଠାବଟା ତନଖି ଫାଟକ ଏବଂ ସକାଳ ୫ :୦୦ ଘଟିକା ଠାରୁ ସକାଳ ୯:୦୦ ଘଟିକା ପର୍ଯ୍ୟନ୍ତ ଯଶିପୁର ଦେଇ ନିଜସ୍ୱ ଯାନରେ ପ୍ରବେଶ କରିପାରିବେ । ପର୍ଯ୍ୟଟକ ମାନଙ୍କୁ ସେହିଦିନ ସଂଧ୍ୟା ୬ ଘଟିକା ପୂର୍ବରୁ ପ୍ରସ୍ଥାନ ଫାଟକ ଛାଡିବାକୁ ପଡିବ ।

3. ଶିମିଳିପାଳ ବନ୍ୟପ୍ରାଣୀ ଉଦ୍ୟାନ ମଧ୍ୟକୁ ପ୍ରବେଶ ନିମନ୍ତେ ପ୍ରବେଶ ଅନୁମତି ପତ୍ର କେବଳ www.similipal.org ୱେବସାଇଟ ମାଧ୍ୟମରେ ପାଇପାରିବେ । ପ୍ରବେଶ ସମୟରେ ସରକାରୀ ପରିଚୟପତ୍ର ଦେଖାଇ ଶିମିଳିପାଳ ବନ୍ୟପ୍ରାଣୀ ଉଦ୍ୟାନକୁ ପ୍ରବେଶ କରିପାରିବେ ।

4. ବ୍ୟାଘ୍ର ପ୍ରକଳ୍ପକୁ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକମାନେ ପ୍ରଚଳିତ ନିୟମାବଳୀମାନ ପାଳନ ନିମନ୍ତେ ଲିଖିତନାମା ଦେବେ । ନିୟମାବଳୀ ଉଲଘଂନ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ।

5. ପର୍ଯ୍ୟଟକଙ୍କ ଯାନ, ପର୍ଯ୍ୟଟକ ଏବଂ ତାଙ୍କ ଜିନିଷପତ୍ରକୁ ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ତନଖି ଫାଟକରେ ଯାଞ୍ଚ କରାଯିବ ।

6. ଅପରାହ୍ନ ୪ ଘଟିକା ପୂର୍ବରୁ ସମସ୍ତ ପର୍ଯ୍ୟଟକମାନେ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ସ୍ଥାନରୁ ଛାଡିବାକୁ ପଡିବ ।

7. ପର୍ଯ୍ୟଟକ ତାଙ୍କ ଫେରନ୍ତା ଯାତ୍ରା ଏପରି ଭାବରେ ପ୍ରସ୍ତୁତ କରିବେ ଯେପରିକି ସେମାନେ ସେହି ଦିନ ସନ୍ଧ୍ୟା ୬ ଘଟିକା ସୁଦ୍ଧା ତନଖି ଫାଟକ କାଳିକାପ୍ରସାଦ/ ପିଠାବାଟା ଅତିକ୍ରମ କରିବେ ।

8. ବନ୍ୟଜନ୍ତୁ ସୁରକ୍ଷା ଅଧିନିୟମ 1972 ର ଉଲ୍ଲଙ୍ଘନ, ପାର୍କରେ ଆବର୍ଜନା ପକାଇବା, ଯାନବାହନ ଦ୍ୱାରା ନିୟମ ଉଲ୍ଲଙ୍ଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

9. ଭ୍ରମଣ ପାଇଁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଖୋଲିବାର ନିଷ୍ପତି ମଝିରେ ମଝିରେ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦାରଖ କରାଯିବ ଏବଂ ପାଣିପାଗ ଅନୁଧ୍ୟାନ କରି ଉଦ୍ୟାନ ବନ୍ଦ କରିବାପାଇଁ ନିଷ୍ପତି ଗ୍ରହଣ କରାଯିବ ।

10. ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଭିତରକୁ ପ୍ରବେଶ ସମୟରେ ପ୍ରତ୍ୟେକ ଯାନ ସହିତ ଜଣେ Guide ନେବା ବାଧ୍ୟତାମୂଳକ ।

## ଖୋଲା ଜୀପ୍ ୱାଇଲ୍ଡଲାଇଫ ସଫାରି ( ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଦ୍ୱାରା ନିୟୋଜିତ ଗାଡ଼ି )

1. ଖୋଲା ଜୀପ୍ ୱାଇଲ୍ଡଲାଇଫ ସଫାରି ସ୍ଥାନୀୟ EDC( Eco Development Committee ) ଦ୍ୱାରା ପରିଚାଳିତ ହେଉଅଛି ।
2. ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ୱାଇଲ୍ଡଲାଇଫ ସଫାରୀ ନିମନ୍ତେ ପର୍ଯ୍ୟଟକମାନଙ୍କୁ ୱେବସାଇଟ www.ecotourodisha.com ମାଧ୍ୟମରେ ଆରକ୍ଷଣ କରିବାକୁ ହେବ ।
3. ପର୍ଯ୍ୟଟକମାନେ ଗୁଡ଼ୁଗୁଡ଼ିଆ, ପିଠାବଟା ତନଖି ଫାଟକ (ବାରିପଦା), ଜାମୁଆଣି ତନଖି ଫାଟକ, ତାଳବନ୍ଧ ତନଖି ଫାଟକ ଏବଂ ବରେହିପାଣି ଠାରୁ ସଫାରୀ ଆରମ୍ଭ କରିପାରିବେ ।
4. ସକାଳ ସମୟ ୱାଇଲ୍ଡଲାଇଫ ସଫାରୀ ସକାଳ ୫:୩୦ ଠାରୁ ଆରମ୍ଭ ହୋଇ ପାଞ୍ଚ ଘଣ୍ଟା ମଧ୍ୟରେ ଶେଷ ହେବ ଏବଂ ସଂଧ୍ୟା ସମୟ ୱାଇଲ୍ଡଲାଇଫ ସଫାରୀ ଦିନ ୨:୦୦ ଠାରୁ ଆରମ୍ଭ ହୋଇ ଚାରି ଘଣ୍ଟା ମଧ୍ୟରେ ଶେଷ ହେବ ।
5. ସଫାରୀ ପରିଚାଳକମାନେ ସଫାରୀରେ କୌଣସି ବ୍ୟକ୍ତିଗତ ସାମଗ୍ରୀର କ୍ଷତି, ଚୋରି କିମ୍ବା କ୍ଷୟକ୍ଷତି ପାଇଁ ଦାୟୀ ହେବେ ନାହିଁ।
6. ଭ୍ରମଣ ପାଇଁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଖୋଲିବାର ନିଷ୍ପତି ମଝିରେ ମଝିରେ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦାରଖ କରାଯିବ ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରି ସୁଚିନ୍ତିତ ସିଦ୍ଧାନ୍ତମାନ ଗ୍ରହଣ କରାଯିବ ।

## ରାତ୍ରି ଯାପନ ପର୍ଯଟନ

1. ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର କୁମାରି, ଗୁଡଗୁଡିଆ,ତାଳବନ୍ଧ, ବରେହିପାଣି ଓ ଜାମୁଆଣିରେ ଥିବା ଯାତ୍ରୀ ନିବାସ ଗୁଡିକରେ ରାତ୍ରୀଯାପନ ନିମନ୍ତେ ପର୍ଯ୍ୟଟକମାନଙ୍କୁ ୱେବସାଇଟ www.ecotourodisha.com ରେ ଅଗ୍ରୀମ ଆରକ୍ଷଣ କରିବାକୁ ହେବ ।
2. ପର୍ଯ୍ୟଟକ ତାଙ୍କ ଫେରନ୍ତା ଯାତ୍ରା ଏପରି ଭାବରେ ପ୍ରସ୍ତୁତ କରିବେ ଯେପରିକି ସେମାନେ ସେହି ଦିନ ସନ୍ଧ୍ୟା ୬ ଘଟିକା ସୁଦ୍ଧା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣରୁ ପ୍ରସ୍ଥାନ କରିବେ । ରାତ୍ରିକାଳୀନ ଯାତାୟତ ପାଇଁ ଅନୁମତି ଦିଆଯିବ ନାହିଁ।

କ୍ଷେତ୍ର ନିର୍ଦ୍ଦେଶକ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ
-ତଥା – ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ବାରିପଦା